## ସଂକ୍ଷେପରେ

### ଜିଲାପାଳଙ୍କ ସୋରଡ଼ା ଗସ୍ତ

ସୋରଡ଼ା,୯।୫(ଡି.ଏନ୍.ଏ.):ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ସୋରଡ଼ା ଆସି ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ କରିଥିଲେ। ପରେ ଜିଲାପାଳ ବଡ଼ଗଡ଼, ସିଦ୍ଧପୁର, ଅମୃତୁଲୁ, ବୋରସିଙ୍ଗୀ, ବଡ଼ବଡାଙ୍ଗୀରେ ଚାଲିଥିବା ବିଦ୍ୟାଳୟ ଉନ୍ନତୀକରଣ ବ୍ୟବସ୍ଥା ପରିଦର୍ଶନରେ ଯାଇଥିଲେ। ବ୍ଲକ ପରିସରରେ ବି ସୀମାଞ୍ଚଳ ମଣ୍ଡଳ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର, ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ପ୍ରସାଦ ରାଓ, ଡାକ୍ତର ଅଜିତ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ, ଜଣେ ଗିରଫ

ଫୁଲବାଣୀ ଅଫିସ,୯।୫:ଖଜୁରିପଡା ବ୍ଲକ ରାଣୀପଥର ଘାଟିରେ ପୋଲିସ ଚଢ଼ାଉ କରି ଏକ ଆମ୍ବୁଲାନ୍ସରୁ ୭୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ଗିରଫ ଯୁବକ ହେଲେ ଅନୁଗୋଳ ଜିଲା ବାଲିପଟା ଅଞ୍ଚଳର ପ୍ରହ୍ଲାଦ ବେହେରା। ଫୁଲବାଣୀରୁ ଅନୁଗୋଳ ଗଞ୍ଜେଇ ଚୋରା ଚାଲାଣ ଏକ ଆମ୍ବୁଲାନ୍ସ ଯୋଗେ ହେବାକୁ ଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ସବ ଇନ୍ସପେକ୍ଟର ନାରାୟଣ ଜେନାଙ୍କ ନେତୃତ୍ୱରେ ଏକ ଟିମ ଫୁଲବାଣୀ-ବୌଦ୍ଧ ରାସ୍ତା ରାଣୀପଥର ଘାଟିରେ ଛକି ରହିଥିଲେ। ଆମ୍ବୁଲାନ୍ସ(ଓଡି ୧୯ ଜି ୩୧୨୩) ଆସିବା ଦେଖି ଅଟକାଇବାକୁ ଚେଷ୍ଟା କଲା ବେଳେ ଡ୍ରାଇଭର ସେଠାରୁ ଗାଡିକୁ ପଛକୁ ଆଣି ଚାଲି ଯିବାକୁ ଉଦ୍ୟମ କରିଥିଲେ। ଅବକାରୀ କର୍ମଚାରୀ ପିଛା କରି ଗାଡିକୁ ଅଟକାଇବା ବେଳେ ଡ୍ରାଇଭର ଚମ୍ପଟ ମାରିଥିଲେ। ଗାଡିରୁ ପ୍ରହ୍ଲାଦ ଧରା ପଡ଼ିଥିଲେ। ଗାଡି ଯାଞ୍ଚ କଲା ବେଳକୁ ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ନଂ. ୧୨/୨୨ରେ ମାମଲା ରୁଜୁ ହୋଇଛି।

### ଅଜଣା ଯୁବକଙ୍କ ମୃତଦେହ ଜବତ

ଗୋପାଳପୁର,୯।୫(ଡି.ଏନ.ଏ.) ଗୋଳନ୍ଥରା ଥାନା ପୋଲିସ ସୋମବାର ଚିକରଡ଼ା ଗ୍ରାମ ନିକଟସ୍ଥ ଏକ ବିଲରୁ ଅଜଣା ଯୁବକଙ୍କ ମୃତଦେହକୁ ଠାବ କରିଛି। ଏହି ଥାନା ଅନ୍ତର୍ଗତ ଚିକରଡ଼ା ଗ୍ରାମ ଠୁକାରି ନାଳ ନିକଟ ଏକ ବିଲରେ ଜଣେ ଯୁବକଙ୍କ ମୃତଦେହ ପଡ଼ି ରହିଥିଲା ଓ ଦୁଇଟି କୀଟନାଶକ ବୋତଲ ପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଗୋଳନ୍ଥରା ଥାନାକୁ ଜଣାଇଥିଲେ। ଅପରାହ୍ନରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ. ୧୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୀଟନାଶକ ଔଷଧ ପିଇ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ତେବେ ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ରହସ୍ୟ ଉନ୍ମୋଚନ ହେବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ବୋରସିଙ୍ଗିର ଚାଇଲ୍ଡ ଫ୍ରେଣ୍ଡଲି କୌଶଳକୁ ପ୍ରଶଂସା

## ସବୁ ପଞ୍ଚାୟତ କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କ ପରାମର୍ଶ

ଛତ୍ରପୁର,୯।୫(ଡି.ଏନ.ଏ.)

ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟ -୨୦୨୨ରେ ଗଞ୍ଜାମ ଜିଲା ବୋରସିଙ୍ଗି ପଞ୍ଚାୟତର ଚାଇଲ୍ଡ ଫ୍ରେଣ୍ଡଲି କୌଶଳ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଥିଲା। ଉକ୍ତ ପଞ୍ଚାୟତର ଚାଇଲ୍ଡ ଫ୍ରେଣ୍ଡଲି କୌଶଳକୁ ନେଇ ମନ୍ତ୍ରାଳୟ ପକ୍ଷରୁ କେଶ ଷ୍ଟଡି କରାଯାଇଛି। ଏହି କେଶ ଷ୍ଟଡିକୁ ଆଧାର କରି ଦେଶର ଅନ୍ୟ ସବୁ ପଞ୍ଚାୟତ ଶିଶୁଙ୍କ ବିକାଶ ଲାଗି କାର୍ଯ୍ୟକାରୀ କରିବାକୁ ପଞ୍ଚାୟତିରାଜ ମନ୍ତ୍ରାଳୟ ପରାମର୍ଶ ଦେବା ସହ ଗୁରୁତ୍ୱ ଦେଇଛନ୍ତି । ଗତ ୨୦୧୯-୨୦ ପାଇଁ ଉକ୍ତ ପଞ୍ଚାୟତକୁ ଚାଇଲ୍ଡ ଫ୍ରେଣ୍ଡଲି ଲାଗି ଜାତୀୟ ପଞ୍ଚାୟତ ଆୱାର୍ଡ-୨୦୨୧ ମିଳିଥିଲା।

ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜାତୀୟ ଆୱାର୍ଡ ପାଇଥିବା ବ୍ଲକ ଓ ପଞ୍ଚାୟତକୁ ସମ୍ବର୍ଦ୍ଧିତ କରିବା ବେଳେ ଉକ୍ତ ପଞ୍ଚାୟତର ପ୍ରଶଂସା କରିଛନ୍ତି। ଜିଲାର ଅନ୍ୟ ସବୁ ପଞ୍ଚାୟତ ଏହା କାର୍ଯ୍ୟକାରୀ କରିବା ଆବଶ୍ୟକ। କେବଳ ଆୱାର୍ଡ ପାଇଁ ନୁହେଁ ଶିଶୁ ମାନଙ୍କ ବିକାଶ କରିବା ଆମର ପ୍ରାଥମିକତା ବୋଲି ଜିଲାପାଳ କହିଛନ୍ତି। ବୋରସିଙ୍ଗି ପଞ୍ଚାୟତରେ ଥିବା ୨ଟି ଅଙ୍ଗନୱାଡି କେନ୍ଦ୍ର ସମ୍ପୂର୍ଣ୍ଣ ସଫାସୁତୁରା। ଶିଶୁମାନଙ୍କୁ ପ୍ରତ୍ୟହ ହାତ ଧୋଇବାକୁ ସଚେତନ କରାଯାଉଛି। ଉକ୍ତ କେନ୍ଦ୍ରର ତଥା ପଞ୍ଚାୟତର ଶିଶୁମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ରେଜିଷ୍ଟର ହେବା ସହ ଟିକାକରଣ, ଉଚ୍ଚତା ମାପ ଓ ଓଜନ ବ୍ୟବସ୍ଥା ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ତ୍ୱରାନ୍ୱିତ କରୁଛନ୍ତି। ପଞ୍ଚାୟତର କିଶୋରୀ ମାନଙ୍କୁ ଆଶାକର୍ମୀ ମାଗଣାରେ ସାନିଟାରୀ ନାପକିନ ବଣ୍ଟନ କରୁଛନ୍ତି । ସେହିପରି ଶିଶୁ ଓ କିଶୋରୀ ମାନଙ୍କୁ ଭିଟାମିନ ଓ ଆଇରନ ବଟିକା ବଣ୍ଟନ କରାଯାଉଥିବା ସମ୍ପର୍କରେ ପଞ୍ଚାୟତିରାଜ ମନ୍ତ୍ରାଳୟର ବାର୍ଷିକ ରିପୋର୍ଟର କେଶ ଷ୍ଟଡିରେ ଦର୍ଶାଯାଇଛି। ଭାରତରେ ଥିବା ୨.୬ ଲକ୍ଷ ପଞ୍ଚାୟତ ମଧ୍ୟରେ ବୋରସିଙ୍ଗି ପଞ୍ଚାୟତର ଏହି ସଫଳତା ସମଗ୍ର ଦେଶରେ ପ୍ରଶଂସିତ ହୋଇପାରିଛି। ଏ ସମ୍ପର୍କରେ ଓଡିଶା ପୋଷ୍ଟରେ ଖବର ପ୍ରକାଶ ପାଇଥିଲା। ଓଡିଶା ପୋଷ୍ଟର ଏହି ଖବରକୁ ସେୟାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି ଶୁଭେଚ୍ଛା ଜଣାଇଥିଲେ। ସେହିପରି ଓଡିଶା ପୋଷ୍ଟ ଖବରକୁ ସେୟାର କରି ଜିଲାପାଳ ଓ ଡିଆରଡିଏ ପିଡି ଉକ୍ତ ପଞ୍ଚାୟତ, ବ୍ଲକ ଓ ଗଞ୍ଜାମ ଟିମକୁ ଶ୍ରେୟ ଦେଇ ଟୁଇଟ ମଧ୍ୟ କରିଥିଲେ ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର



ପ୍ରମୋଦଙ୍କ ଚିକିତ୍ସା ଚାଲିଛି।

ଭଞ୍ଜନଗର,୯।୫(ଡି.ଏନ୍.ଏ.)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ଗହପଦର ଗ୍ରାମ ନିକଟ ଜଙ୍ଗଲରେ ସୋମବାର ଅପରାହ୍ନରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପ୍ରମୋଦ ଭୋଇ। ପ୍ରମୋଦଙ୍କୁ ପ୍ରଥମେ ଗାଲେରି ପରେ ଭଞ୍ଜନଗର ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଖବରପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

ପ୍ରକାଶ ଯେ, ପ୍ରମୋଦ ଏବଂ ତାଙ୍କ ସ୍ତ୍ରୀ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ଭାଲୁ ହାବୁଡରେ ପଡିଥିଲେ। ସ୍ତ୍ରୀ ଏକ ଗଛ ଉପରକୁ ଚଢି ଯାଇଥିବା ବେଳେ ପ୍ରମୋଦଙ୍କୁ ଦୁଇଟି ଭାଲୁ ଆକ୍ରମଣ କରି ପଳାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ତ୍ରୀଙ୍କଠାରୁ ଘଟଣା ସମ୍ପର୍କରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପ୍ରମୋଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ।

## ବିଡିଓ, ପିଇଓ, ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

### ଗଞ୍ଜାମ ଜିଲାକୁ ୬ ଜାତୀୟ ପଞ୍ଚାୟତ ପୁରସ୍କାର

ଛତ୍ରପୁର,୯।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାକୁ ୬ଟି ଜାତୀୟ ପଞ୍ଚାୟତ ଆୱାର୍ଡ-୨୦୨୨ ମିଳିଛି। ସେଥିମଧ୍ୟରେ ହିଞ୍ଜିଳି ବ୍ଲକ, ଶେରଗଡ଼ ବ୍ଲକ, ସାରୁ ଓ କେଲୁଆପଲ୍ଲୀ ଗ୍ରାମପଞ୍ଚାୟତକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ମିଳିଥିବା ବେଳେ କାଇଁଚପୁର ପଞ୍ଚାୟତକୁ ଚାଇଲ୍ଡ ଫ୍ରେଣ୍ଡଲି ପଞ୍ଚାୟତ ପୁରସ୍କାର ଓ ମହୁପଦର ପଞ୍ଚାୟତକୁ ନାନାଜୀ ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର ମିଳିଛି। ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିପାଇଁ ଗଞ୍ଜାମ ଟିମକୁ ଶ୍ରେୟ ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସମ୍ପୃକ୍ତ ବ୍ଲକର ବିଡ଼ିଓ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ କରାଯାଉଛି।

### କନ୍ଧମାଳରେ ୪ କରୋନା ପଜିଟିଭ

ଫୁଲବାଣୀ ଅଫିସ,୯।୫

କନ୍ଧମାଳ ଜିଲାରେ ପୁଣି ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦୀର୍ଘ ଦିନ ପରେ ଜିଲାରେ ପୁଣି କରୋନା ପଜିଟିଭ ଚିହ୍ନଟ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଛନକା ପସିଯାଇଛି। ଆକ୍ରାନ୍ତଙ୍କ ମଧ୍ୟରୁ ଦୁଇ ଜଣ ଦାରିଙ୍ଗବାଡି ବ୍ଲକର ହୋଇଥିବା ବେଳେ ଫୁଲବାଣୀ ଓ ବାଲିଗୁଡା ବ୍ଲକର ଜଣେ ଲେଖାଏ ଅଛନ୍ତି। ସମସ୍ତେ ଘରେ ରହି ଚିକିତ୍ସିତ ହେଉଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩ ହଜାର ୫୩୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୩,୪୩୪ ଜଣ ସୁସ୍ଥ ହୋଇଥିବା ବେଳେ ୯୫ ଜଣ ମୃତ୍ୟୁବରଣ କରିଛନ୍ତି। ସୁଚନାଯୋଗ୍ୟ, ଜିଲାରେ ଶେଷଥର ପାଇଁ ମାର୍ଚ୍ଚ ୨୪ରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । କରୋନାର ଲେଉଟାଣିକୁ ଦୃଷ୍ଟିରେ ରଖି ସମସ୍ତେ ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଅତିରିକ୍ତ ତହସିଲଦାର, ୩ ଆର୍ଆଇଙ୍କୁ ମାଡ଼ ଘଟଣାରେ ୨ ଗିରଫ

ଗଞ୍ଜାମ,୯।୫(ଡି.ଏନ୍.ଏ.)

ବାଲି ଚୋରା ଚାଲାଣ ଚଢ଼ାଉ ବେଳେ ବାଲି ମାଫିଆମାନେ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ଆର୍ଆଇ ଭାସ୍କର ସାହୁ, ସୀତାରାମ ସାହୁ ଓ ସୁଶାନ୍ତ କୁମାର ବେହେରାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଆର୍ ସୁନିଲ ରେଡ୍ଡୀ ଓ ତାଙ୍କ ସହଯୋଗୀ ଡି ହରି ରେଡ୍ଡୀ। ନଂ. ୬୯/୨୨ ଅନୁଯାୟୀ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ମାଳିଜଗନ୍ନାଥପୁର ଗ୍ରାମ ନିକଟ ଋଷିକୁଲ୍ୟା ନଦୀ ନିକଟରେ ରାତିରେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବାର ତହସିଲ ପକ୍ଷରୁ ଖବର ପାଇ ଗଞ୍ଜାମ ଅତିରିକ୍ତ ତହସିଲଦାର ଜେନା ଓ ୩ ଆର୍ଆଇ ଉକ୍ତ ସ୍ଥାନରେ ଚଢ଼ାଉ କରୁଥିବା ବେଳେ ୪ ଜଣ ବାଲି ମାଫିଆ ତାଙ୍କୁ ଆକ୍ରମଣ କରିଥିଲେ। ତେବେ ଏଥିରେ ସମ୍ପୃକ୍ତ ଅନ୍ୟ କେତେଜଣ ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି। ଶୀଘ୍ର ସେମାନଙ୍କୁ ଧରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଞ୍ଜାମ ଥାନା ପକ୍ଷରୁ କୁହାଯାଇଛି।

## ୨୯ ଅଭିଯୋଗ ଶୁଣିଲେ ଉପଜିଲାପାଳ

### ଭଞ୍ଜନଗର ଉପଖଣ୍ଡ

ଭଞ୍ଜନଗର,୯।୫(ଡି.ଏନ୍.ଏ.)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଉପସ୍ଥିତ ରହି ପ୍ରଥମେ ବିଦ୍ୟାଙ୍ଗମାନଙ୍କ ଅଭିଯୋଗ ଏବଂ ପରେ ସାଧାରଣ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୨୯ ଅଭିଯୋଗର ଶୁଣାଣି କରାଯାଇ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସରକାର ଲୋକଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ସେଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପଡିବ। ଅଭିଯୋଗ ଶୁଣାଣି ବେଳେ ଭଞ୍ଜନଗର ବିଡ଼ିଓ ଅନିଲ କୁମାର ସେଠୀ, ତହସିଲଦାର ଆଲୋକ କୁମାର ପ୍ରଧାନ, ପିଏଚଡ଼ି ସହକାରୀ ଯନ୍ତ୍ରୀ ବିନୟ କୁମାର ସାହୁ, ଭଞ୍ଜନଗର ଉପଖଣ୍ଡ ମେଡିକାଲ ଅଧିକ୍ଷକ ଡ. ସୀତାଂଶୁ କୁମାର ଶତପଥୀ, ସହାୟକ ଜିଲାପାଳ ସଞ୍ଜୟ କୁମାର ସାହୁ, ଏଷ୍ଟାବ୍ଲିସମେଣ୍ଟ ଅଫିସର ଅନିଲ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସାମାଜିକ ସୁରକ୍ଷା ଅଧିକାରୀ ସମେତ ଉପଖଣ୍ଡର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ ।

## ଯୁବକଙ୍କୁ ଗିରଫ ପ୍ରତିବାଦରେ ଧାରଣା

ଭଞ୍ଜନଗର,୯।୫(ଡି.ଏନ୍.ଏ.)-ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ଅନ୍ତର୍ଗତ ତିରିଗୋଛ ଗ୍ରାମର ଅମର ବେହେରା ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଗତ ୨୭ତାରିଖ ରାତିରେ ଗିରଫ ହୋଇଥିଲେ। ବନ୍ୟପ୍ରାଣୀ ଶିକାର ପାଇଁ ସେ ଜଙ୍ଗଲରେ ନିଆଁ ଲଗାଉଥିବା ବନ ବିଭାଗ ଦର୍ଶାଇଥିଲା। ତେବେ ଅମରଙ୍କ ସ୍ତ୍ରୀ ଏହାକୁ ବିରୋଧ କରିଛନ୍ତି। ସ୍ୱାମୀଙ୍କୁ ମିଥ୍ୟା ମାମଲାରେ ଫସାଇ ବନ କର୍ମଚାରୀ ଗିରଫ କରିଥିବା ଦର୍ଶାଇ ସ୍ତ୍ରୀ ଏବଂ ଅନ୍ୟମାନେ ସୋମବାର ଡିଏଫ୍ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ଡିଏଫ୍ଓ ଅଭୟ କୁମାର ଦଲେଇ କହିଛନ୍ତି ଯେ, ଅମର ପୂର୍ବରୁ ମଧ୍ୟ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଗିରଫ ହୋଇଥିଲେ। ବର୍ତ୍ତମାନ ପ୍ରମାଣ ସହ ତାଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି।

## ଶର୍ଟସର୍କିଟରୁ ନିଆଁ ଲାଗି ଆସବାବପତ୍ର ଜଳିଗଲା

ଦାରିଙ୍ଗବାଡ଼ି,୯।୫(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତ ଜଗେରମାହା ଗ୍ରାମର ଯୋସେଫ ଦିଗାଳଙ୍କ ଘରେ ରବିବାର ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ସମସ୍ତ ଆସବାବପତ୍ର ଜଳିଯାଇଛି। ସୋମବାର ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ଡାଲି, ଚାଉଳ ସହ ବସ୍ତ୍ର, ପଲିଥିନ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆବଶ୍ୟକ ସରକାରୀ ସାହାଯ୍ୟ ପାଇଁ ସେ ଚେଷ୍ଟା କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ସେହିପରି ଯୋସେଫଙ୍କ ଘରକୁ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଏବଂ ପଡ଼ୋଶୀ ପଞ୍ଚାୟତର ଜନପ୍ରତିନିଧିମାନେ ପହଞ୍ଚି ସହାୟତା କରିଛନ୍ତି। ପ୍ରକାଶ ଯେ, ଯୋସେଫ ଏବଂ ପରିବାର ଲୋକେ କାମଧନ୍ଦା ପାଇଁ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ଏହି ସମୟରେ ଶର୍ଟ ସର୍କିଟ ଯୋଗୁ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଫଳରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ବ୍ୟାପିଯାଇ ଘରେ ରହିଥିବା ନଗଦ ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର, ରୁପା, ଅନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୌଣସି ପ୍ରକାରେ ଟ୍ରାନ୍ସଫରମରକୁ ବନ୍ଦ କରିଦିଆଯାଇଥିଲେ ହୁଏତ ଏକ ବଡ଼ ଦୁର୍ଘଟଣା ରୋକାଯାଇପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ବିଧାୟକ ସାଲୁଗା ପ୍ରଧାନ ଯୋସେଫଙ୍କ ଘରେ ସହାୟତା ପ୍ରଦାନ କରୁଛନ୍ତି।

## ବାଲ୍ୟବିବାହ ବନ୍ଦ କଲା ପ୍ରଶାସନ

ପାରଳାଖେମୁଣ୍ଡି,୯।୫(ଡି.ଏନ୍.ଏ.)

ରାୟଗଡ଼ ବ୍ଲକ ଅନ୍ତର୍ଗତ ଅମେଡ଼ା ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ଏକ ବାଲ୍ୟବିବାହକୁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଏ ସମ୍ପର୍କରେ ରାୟଗଡ଼ ବାଲ୍ୟବିବାହ ନିଷେଧ ଅଧିକାରିଣୀ ସୁଶ୍ରୀ ତେରେସ୍କୋଭା ମଲ୍ଲିକ ଜାଣି ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରିଥିଲେ। ଆଇସିଡିଏସ୍ ମହିଳା ସୁପରଭାଇଜର କେ. କୋଟେଶ୍ୱରୀ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ର ପରାମର୍ଶ ଦାତା ଡ. ମଲ୍ଲିକ, ସୁଶ୍ରୀ ମୋହିନୀ ପ୍ରଧାନ, ବିଜୟ ପ୍ରଧାନ, ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ତପସ୍ୱିନୀ ନାୟକ ଏବଂ ରାୟଗଡ଼ ଥାନାଧିକାରୀ ଗୋବିନ୍ଦ ଗୌଡ଼ ପ୍ରମୁଖ ଉକ୍ତ ସ୍ଥାନକୁ ଯାଇ ବାଲ୍ୟବିବାହକୁ ସ୍ଥଗିତ ରଖିଥିଲେ । ଗ୍ରାମବାସୀଙ୍କ ଉପସ୍ଥିତିରେ ନାବାଳିକାଙ୍କ ଅଭିଭାବକଙ୍କୁ ୧୮ ବର୍ଷ ପୂରଣ ନ ହେବା ଯାଏ ବିବାହ ଦେବେ ନାହିଁ ଏବଂ ଏଥିରେ ତ୍ରୁଟି କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଲିଖିତ ଆକାରରେ ଜଣାଇଛନ୍ତି।

## ୭୬ ଲିଟର ମଦ ଜବତ, ଜଣେ ଗିରଫ

ଛତ୍ରପୁର,୯।୫(ଡି.ଏନ.ଏ.)

ଛତ୍ରପୁର ଥାନା ଅନ୍ତର୍ଗତ ବଡ଼ମାଧପୁର ଗାଁରେ ବେଆଇନ ଭାବେ କାରବାର ହେଉଥିବା ୭୬ ଲିଟର ମଦ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁର୍ଯ୍ୟୋଧନ ସାହୁଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୨୩୭/୨୨ରେ ମାମଲା ରୁଜୁ କର କରାଯାଇଥିବା ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

## ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବିପତ୍ର

ସୋରଡ଼ା,୯।୫(ଡି.ଏନ୍.ଏ.)

ସୋରଡ଼ା ଏନ୍ଏସିର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୮ ନମ୍ବର ୱାର୍ଡ ସଭ୍ୟ ରଜନୀକାନ୍ତ ମହାପାତ୍ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୧୦ଟି ପ୍ରସ୍ତାବ ଅନୁମୋଦନ ପାଇଁ ଲିଖିତ ରୂପେ ପ୍ରଦାନ କରିଛନ୍ତି। ବର୍ଷାଦିନ ପୂର୍ବରୁ ସହରର ଜଗନ୍ନାଥ ମନ୍ଦିର ନିକଟ ନାଳ ଓ ବାଙ୍କ ବଜାରଠାରୁ ସାଗରବନ୍ଧ ନାଳର ପାଇକସାହିଠାରୁ ବାଙ୍କ ବଜାର ନାଳ ପୁନରୁଦ୍ଧାର, ଜଳଭଣ୍ଡାର ନିକଟରେ ବିଜ୍ଞାନ ପାର୍କ ନିର୍ମାଣ, ଇ-ପାଠାଗାର ପାଇକସାହି, କେଉଟସାହି ରାସ୍ତାର ପୁନରୁଦ୍ଧାର, ମିନି ଷ୍ଟାଡିୟମରେ ପ୍ରବେଶ ଦ୍ୱାର ନିର୍ମାଣ, ମାର୍କେଟ କମ୍ପ୍ଲେକ୍ସରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ୧୪ ବର୍ଷରୁ କମ୍ ପିଲାଙ୍କ ପାଇଁ ମିନି ଷ୍ଟାଡିୟମଠାରେ କ୍ରୀଡ଼ା ଗୃହ ନିର୍ମାଣ, ଭଞ୍ଜ ସାଂସ୍କୃତିକ ମଣ୍ଡପ ନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ଓ ଏନ୍ଏସି କର୍ତ୍ତୃପକ୍ଷ ସହ ଯୋଗସୂତ୍ର ସ୍ଥାପନ କରି ସହରର ୧୧ ୱାର୍ଡର ପାନୀୟ ଜଳ ବଣ୍ଟନ ବ୍ୟବସ୍ଥାର ସମୟସୀମା ନିର୍ଦ୍ଧାରଣକରି ପ୍ରତ୍ୟେକ ସାହିକୁ କେଉଁ ସମୟରେ ଜଳ ଯିବ ତାହାର ତାଲିକା ପ୍ରସ୍ତୁତ କରି ସମସ୍ତଙ୍କୁ ଜଣାଇଛନ୍ତି।

## ତପ୍ତପାଣି ମୃଗ ବିହାରରୁ ନିଖୋଜ ଦିବ୍ୟାଙ୍ଗ ଛାତ୍ର ଉଦ୍ଧାର

ଆର୍.ଉଦୟଗିରି,୯।୫(ଡି.ଏନ୍.ଏ.)

ଆର୍.ଉଦୟଗିରି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧିର ଆବାସିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଥିବା ଜଣେ ଦିବ୍ୟାଙ୍ଗ ଛାତ୍ର ରବିବାର ବିଦ୍ୟାଳୟ ଛାତ୍ରାବାସରୁ କେଉଁଆଡ଼େ ଚାଲିଯାଇଥିଲେ। କର୍ମଚାରୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଛାତ୍ର ଜଣକ ବିଦ୍ୟାଳୟରୁ ବାହାରି ଚାଲି ଚାଲି ଗଞ୍ଜାମ ଜିଲା ତପ୍ତପାଣି କାଜୁ ଜଙ୍ଗଲରେ କିଛି ସମୟ ଲୁଚି ରହିବା ପରେ ମୃଗ ବିହାରକୁ ଯାଇଥିଲେ। ସେଠାରେ ଅପରାହ୍ନରେ ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ମୃଗ ବିହାର ଦାୟିତ୍ୱରେ ରହିଥିବା କର୍ମଚାରୀ ଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ ମଧ୍ୟ ସେ ଉତ୍ତର ନ ଦେବାରୁ ପୋଡ଼ାମାରୀ ଫାଣ୍ଡିକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଡ଼ାମାରୀ ପୋଲିସ ପହଞ୍ଚି ଅନୁସନ୍ଧାନ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ୱାର୍ଡେନ ସନ୍ଧ୍ୟାରେ ଛାତ୍ରକୁ ସେଠାରୁ ଉଦ୍ଧାର କରି ବିଦ୍ୟାଳୟକୁ ଆଣିଥିଲେ। ବିଦ୍ୟାଳୟରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଧାନ ଶିକ୍ଷକ, ୱାର୍ଡେନ ଓ ସମ୍ପାଦକଙ୍କ ଖାମଖିଆଲ ମନୋଭାବ ଯୋଗୁ କେତେବେଳେ ପିଲାମାନଙ୍କର ଅଘଟଣ ନ ଘଟିବ କହିହେବ ନାହିଁ ବୋଲି ମତ ପ୍ରକାଶ ପାଇଛି। ଛାତ୍ରଙ୍କ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି। ତାଙ୍କ ଘର ଆର୍.ଉଦୟଗିରି ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ମନମାନି, ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କାମରେ ଲଗାଇବା, ଭଲ ଖାଦ୍ୟ ନ ଦେବା, କଠୋର ମନୋଭାବ ପୋଷଣ କରିବା ଯୋଗୁ ବିଭିନ୍ନ ସମୟରେ ବହୁ ଛାତ୍ରୀଛାତ୍ର ଲୁଚି ନିଜ ଗ୍ରାମ ଓ ସମ୍ପର୍କୀୟ ଘରକୁ ଚାଲିଯିବା ଏବଂ ଅଧା ବାଟରୁ ଉଦ୍ଧାର କରି ବିଦ୍ୟାଳୟକୁ ଆଣିବା ନଜିର ମଧ୍ୟ ରହିଛି। ଏ ନେଇ ବିଦ୍ୟାଳୟ ପରିଚାଳନା ସମ୍ପାଦକ ଦଣ୍ଡାସି ସାହୁଙ୍କ ସହ ଯୋଗାଯୋଗ କରିବାରୁ ଆମ ସ୍କୁଲରେ ପିଲାଙ୍କୁ ଖାଦ୍ୟ ଠିକ୍ ଭାବେ ଦିଆଯାଉ ନ ଥିବା ଓ କାର୍ଯ୍ୟରେ ନିୟୋଜିତ କରାଯିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ। ସମ୍ପୃକ୍ତ ଛାତ୍ରଙ୍କ ବାପା, ମାଙ୍କୁ ସୋମବାର ଡକାଇ ତାଙ୍କୁ ଘରକୁ ପଠାଇ ଦିଆଗଲା ବୋଲି କହିଥିଲେ।



ଉଦ୍ଧାର ଛାତ୍ର।

## ୨୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି,୯।୫(ଡି.ଏନ.ଏ.)

ଆର.ଉଦୟଗିରି ଅବକାରୀ ବିଭାଗ ପକ୍ଷରୁ ମୋହନା ଓ ଅଡବା ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାଇକ୍ ସହ ୨୩ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମୋହନା ଥାନା ଅନ୍ତର୍ଗତ କେସେରିଗୁଡା ଗ୍ରାମର ସରତ କୁମାର ଲିମାକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ମୋହନା ସହର ପଟୁ ବାଇକରେ ଗଞ୍ଜେଇ ଧରି ଆସୁଥିବା ବେଳେ ପୋଲିସ ବ୍ରିଜ ନିକଟରେ ଅଟକାଇ ତଲାସ କରିଥିଲା। ଫଳରେ ଗାଡ଼ିରେ ଗଞ୍ଜେଇ ଥିବା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଲିଙ୍ଗରାଜ ଜାନି ସୂଚନା ଦେଇଛନ୍ତି।

## ଘୁମୁସର ବନଖଣ୍ଡରେ ହାତୀ ଉପଦ୍ରବ

### ଲୋକେ ରାତି ଉଜାଗର, ବନ ବିଭାଗ ନୀରବ

ଭଞ୍ଜନଗର,୯।୫(ଡି.ଏନ୍.ଏ.)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଦିନକୁ ଦିନ ହାତୀ ଉପଦ୍ରବ ବଢିବାରେ ଲାଗିଛି। ଏଥିପାଇଁ କେତେକ ଅଞ୍ଚଳରେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ରବିବାର ରାତିରେ ବାଇବଲି ତୋଟାସାହିରେ ହାତୀ ପଶି କନକ ପ୍ରଧାନ ଓ ତାଙ୍କ ପଡୋଶୀଙ୍କ ଘର ଭାଙ୍ଗି ଦେଇଛି। ହାତୀ ଘର ଭାଙ୍ଗିବା ବେଳେ କନକଙ୍କ ସ୍ୱାମୀ ଘରେ ଶୋଇଥିଲେ। ସୌଭାଗ୍ୟବଶତଃ ସେ ରକ୍ଷା ପାଇଯାଇଛନ୍ତି। ହାତୀ ଶନିବାର ସାହିକୁ ପଶିଆସି ଭଙ୍ଗାରୁଜା କରିଥିଲେ। ତେଣୁ ସ୍ୱାମୀଙ୍କ ବ୍ୟତୀତ କନକ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଭୟରେ ନିକଟସ୍ଥ କନ୍ଧମାଳ ଜିଲାକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଚାଲି ଯାଇଥିଲେ। ହାତୀ ଆତଙ୍କ ଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ଗତ କିଛି ଦିନ ହେବ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ବନ ବିଭାଗ ପକ୍ଷରୁ ଲୋକଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ପରିବାରଗୁଡିକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଏ ନେଇ ସମ୍ପୃକ୍ତ ଗ୍ରାମର ଲୋକେ ସୋମବାର ଭଞ୍ଜନଗର ଡିଏଫ୍ଓ ଏବଂ ମୁଜାଗଡ଼ ରେଞ୍ଜରଙ୍କୁ ଭେଟି କ୍ଷତିପୂରଣ ଦାବି କରିଛନ୍ତି।



ଦାବିପତ୍ର ପ୍ରଦାନ କରୁଛନ୍ତି।

# ଭାରତୀୟ ଦଳରେ ୪ ଓଡ଼ିଆ ସାମିଲ

ନୂଆଦିଲ୍ଲୀ, ୯।୫ (ପି.ଟି.)


ଏସିଆ କପ୍ ହକି ପାଇଁ ମନୋନୀତ ଭାରତୀୟ ପୁରୁଷ ଦଳ।

ଚଳିତ ମାସ ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ଜାକର୍ତ୍ତାରେ ହେବାକୁଥିବା ଏସିଆ କପ୍ ହକି ଟୁର୍ନାମେଣ୍ଟ ପାଇଁ ସୋମବାର ଏକ ଦ୍ୱିତୀୟ ଶ୍ରେଣୀୟ ଭାରତୀୟ ଦଳ ଘୋଷଣା କରାଯାଇଛି। ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିବା ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ୍ ସିଂ ଅଧିନାୟକ ଓ ତାରକା ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ୨୦ ଜଣିଆ ଦଳରେ ମୋଟ ୪ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ବରେନ୍ଦ୍ର ଲାକ୍ରା, ଦୀପସାନ ତିର୍କୀ, ଅଭିଷେକ ଲାକ୍ରା ଓ ନୀଲମ ସଞ୍ଜୀପ ଖେସ୍। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟଥିବା ରୂପିନ୍ଦର ଓ ବୀରେନ୍ଦ୍ର ଅବସର ଘୋଷଣା କରିଥିଲେ ହେଁ ପରେ ମନୋନୟନ ପାଇଁ ନିଜକୁ ଉପଲବ୍ଧ କରିଥିଲେ।

**ପୁଲ୍ 'ଏ'ରେ ଭାରତ**

ଏସିଆ କପ୍ ହେଉଛି ବିଶ୍ୱକପର କ୍ୱାଲିଫାୟର ଟୁର୍ନାମେଣ୍ଟ। ମାତ୍ର ଆୟୋଜକ ହୋଇଥିବାରୁ ଭାରତ ୨୦୨୩ ଜାନୁୟାରୀରେ ହେବାକୁଥିବା ବିଶ୍ୱକପରେ ଖେଳିବା ନିଶ୍ଚିତ ହୋଇ ସାରିଛି। ଏସିଆ କପ୍‌ର ଶ୍ରେଷ୍ଠ ୩ ଦଳ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିବା ଅନ୍ୟଜଣେ ଖେଳାଳି ଏସ୍.ଭି. ସୁନୀଲଙ୍କୁ ମଧ୍ୟ ଏସିଆ କପ୍ ଦଳରେ ସାମିଲ କରାଯାଇଛି। ଆହତ ସମସ୍ୟା ଯୋଗୁ ସେ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସାମିଲ ହୋଇପାରି ନ ଥିଲେ। ଗତଥରର ଚାମ୍ପିୟନ ଭାରତ ପୁଲ୍ 'ଏ'ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଜାପାନ ଓ ଆୟୋଜକ ଇଣ୍ଡୋନେସିଆ ସହିତ ସ୍ଥାନ ପାଇଛି। ମାଲେସିଆ, କୋରିଆ, ଓମାନ ଓ ବାଂଲାଦେଶ ପୁଲ୍ 'ବି'ରେ ରହିଛନ୍ତି।

**ସିନିୟରଙ୍କୁ ବିଶ୍ରାମ**

ଆଗାମୀ ଏସିଆ କପ୍‌ରେ ଭାରତର ୧୦ ଜୁନିୟର ଖେଳାଳି ସିନିୟର ଡେବ୍ୟୁ କରିବେ। ସେମାନଙ୍କ ମଧ୍ୟରୁ ଯଶଦୀପ ସିୱାଚ, ଅଭିଷେକ ଲାକ୍ରା,

**ଏସିଆ କପ୍ ହକି ପାଇଁ ଦ୍ୱିତୀୟ ଶ୍ରେଣୀୟ ଦଳ ଘୋଷିତ**

- ରୂପିନ୍ଦର ପାଲ ଅଧିନାୟକ, ବୀରେନ୍ଦ୍ର ଉପ ଅଧିନାୟକ

ମନଜିତ ବିଷ୍ଣୁକାନ୍ତ ସିଂ ଓ ଉତ୍ତମ ସିଂ ଜୁନିୟର ବିଶ୍ୱକପରେ ଭାରତୀୟ ଦଳର ସଦସ୍ୟ ଥିଲେ। ଏହା ବ୍ୟତୀତ ମାରିସ୍ୱରେନ ଶକ୍ତିଭେଲ, ଶେଶେ ଗୌଡ଼ା ବି.ଏମ୍, ପବନ ରାଜଭାର, ଆଭାରନ ସୁଦେଭ ଓ ଏସ. କାର୍ତ୍ତିଙ୍କ ପରି ନୂଆ ମୁହଁ ସିନିୟର ସ୍ତରରେ ପ୍ରଥମଥରପାଇଁ ଦେଖିବାକୁ ମିଳିବ। ଅନ୍ତର୍ଜାତୀୟ ସ୍ତରରେ ବ୍ୟସ୍ତ କାର୍ଯ୍ୟସୂଚୀ ଯୋଗୁ ମନପ୍ରୀତ ସିଂ, ହରମନପ୍ରୀତ ସିଂ ଓ ପି.ଆର. ଶ୍ରୀଜେଶଙ୍କ ପରି ସିନିୟର ଖେଳାଳିଙ୍କୁ ବିଶ୍ରାମ ଦିଆ ଯାଇଛି। ଆଗାମୀ ଦିନରେ ଭାରତୀୟ ଦଳ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଏବଂ ଆସନ୍ତା ବର୍ଷ ପ୍ରାରମ୍ଭରେ ହକି ବିଶ୍ୱକପ ଖେଳିବ। ଜୁନିୟର ବିଶ୍ୱକପ ଖେଳାଳି ମନିନ୍ଦର ସିଂ ଓ ନୀଲମ ସଞ୍ଜୀପ ଖେସ୍ ବଦଳ ଖେଳାଳି ତାଲିକାରେ ରହିଛନ୍ତି।

**ସର୍ଦ୍ଦାର ସିଂ କୋଚ୍**

ପୂର୍ବତନ ଅଧିନାୟକ ତଥା ୨ ଥର ଅଲିମ୍ପିକ୍ସ ଖେଳିଥିବା ସର୍ଦ୍ଦାର ସିଂ ଭାରତୀୟ 'ଏ' ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। "ଆୟୋଜକଭାବେ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରି ସାରିଥିବାରୁ ନୂଆ ଗ୍ରୁପ୍‌ର ଖେଳାଳିଙ୍କୁ ପରୀକ୍ଷା କରିବାକୁ ଏହା ଉତ୍ତମ ପ୍ଲାଟଫର୍ମ। ଯୁବ ଖେଳାଳିମାନେ ଏଥିରେ ସୁଯୋଗର ସଦ୍‌ବ୍ୟବହାର କରିବା ସୁଯୋଗ ପାଇବେ। ଦଳରେ ଅନେକ ପ୍ରତିଭା ସମ୍ପନ୍ନ ଖେଳାଳି ଅଛନ୍ତି। ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବାକୁ ସେମାନେ କଠିନ ପରିଶ୍ରମ କରୁଥିବା ପରିଲକ୍ଷିତ ହୋଇଛି। ଭାରତୀୟ କୋଚ୍‌ଭାବେ ଏହା ମୋର ପ୍ରଥମ ଟୁର୍ନାମେଣ୍ଟ। ନୂଆ ଅଭିଜ୍ଞତା ଆହରଣ ଉପରେ ମୁଁ ଫୋକସ କରୁଛି'' ବୋଲି କୋଚ୍ ସର୍ଦ୍ଦାର ସିଂ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

**ଗୋଲକିପର:** ପଙ୍କଜ କୁମାର ରଜାକ, ସୂରଜ କରକେରା।
**ଡିଫେଣ୍ଡର:** ରୂପିନ୍ଦର ପାଲ୍ ସିଂ (ଅଧିନାୟକ), ଯଶଦୀପ ସିୱାଚ, ଅଭିଷେକ ଲାକ୍ରା, ବୀରେନ୍ଦ୍ର ଲାକ୍ରା (ଉପ-ଅଧିନାୟକ), ମନଜିତ, ଦୀପସାନ୍ ତିର୍କୀ।
**ମିଡ୍‌ଫିଲ୍ଡର:** ବିଷ୍ଣୁକାନ୍ତ ସିଂ, ରାଜ୍ କୁମାର ପାଲ୍, ମାରିସ୍ୱରେନ ଶକ୍ତିଭେଲ, ଶେଶେ ଗୌଡ଼ା ବି.ଏମ୍., ସିମରଞ୍ଜିତ ସିଂ।
**ଫରୱାର୍ଡ:** ପବନ ରାଜଭାର, ଆଭାରନ ସୁଦେଭ, ଏସ.ଭି. ସୁନୀଲ, ଉତ୍ତମ ସିଂ, ଏସ. କାର୍ତ୍ତି।
**ବଦଳ ଖେଳାଳି:** ମନିନ୍ଦର ସିଂ, ନିଲମ ସଞ୍ଜୀପ୍ ଖେସ।
**ଷ୍ଟାଣ୍ଡବାଇ:** ପବନ, ପ୍ରଦୀପ ସିଂ, ଅଙ୍କିତ ପାଲ୍, ଅଙ୍ଗଦ ବୀର ସିଂ।

# ଏଏଫ୍‌ସି ପ୍ରୋ ଡିପ୍ଲୋମା ଲକ୍ଷ୍ୟରେ ଶୁଭେନ୍ଦୁ

ଭୁବନେଶ୍ୱର, ୯।୫ (କ୍ରୀଡ଼ା ପ୍ରତିନିଧି)



ଓଡ଼ିଶାର ପ୍ରଥମ କୋଚ୍‌ଭାବେ ଶୁଭେନ୍ଦୁ ପଣ୍ଡା ଏଏଫ୍‌ସି ପ୍ରୋ ଡିପ୍ଲୋମା ଲାଇସେନ୍ସ କୋଚିଂ କୋର୍ସ କରିବାକୁ ଯାଉଛନ୍ତି। ମଙ୍ଗଳବାରଠାରୁ ଚଣ୍ଡିଗଡ଼ଠାରେ ଏହା ଆରମ୍ଭ ହେବ। ଶୁଭେନ୍ଦୁ ହେଉଛନ୍ତି ରାଜ୍ୟର ଏଏଫ୍‌ସି 'ଏ' ଲାଇସେନ୍ସ ପ୍ରାପ୍ତ କୋଚ୍ ଏବଂ ୧୬ ବର୍ଷରୁ କମ୍ ଭାରତୀୟ ଫୁଟବଲ ଦଳର ମୁଖ୍ୟ କୋଚ୍। ଏସିଆନ ଫୁଟବଲରେ ଏଏଫ୍‌ସି ପ୍ରୋ ଲାଇସେନ୍ସ କୋଚିଂ କୋର୍ସ ହେଉଛି ଶୀର୍ଷ ଶ୍ରେଣୀୟ କୋଚିଂ ଲାଇସେନ୍ସ ପ୍ରୋଗ୍ରାମ। ଏପରି ଏକ ସମ୍ମାନଜନକ କୋର୍ସ କରିବାକୁ ଯାଉଥିବାରୁ ଶୁଭେନ୍ଦୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିବାରେ ଲାଗିଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତର କାର୍ଯ୍ୟକ୍ରମ ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ନକ୍‌ଆଉଟ୍‌ରେ ଭାରତୀୟ ପୁରୁଷ ଦଳ

ବ୍ୟାଙ୍କକ୍, ୯।୫ (ପି.ଟି.)

**ଥୋମାସ ଓ ଉବର କପ୍**

ଭାରତୀୟ ବ୍ୟାଡ୍‌ମିଣ୍ଟନ ପୁରୁଷ ଦଳ ଚଳିତ ଥୋମାସ ଓ ଉବର କପ୍‌ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ଜର୍ମାନୀ ବିପକ୍ଷ ପ୍ରଥମ ମୁକାବିଲା ଭଳି କାନାଡା ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଭାରତୀୟ ଦଳ ୫-୦ରେ କ୍ଲିନ୍ ସୁଇପ୍ ହାସଲ କରିଛି। ଏହି ଦୁଇ ବୃହତ୍ ବିଜୟ ଯୋଗୁ ଭାରତୀୟ ପୁରୁଷ ଦଳ ଗ୍ରୁପ୍ ସି'ରେ ଟପ୍ ଦୁଇ ଦଳ ମଧ୍ୟରେ ସ୍ଥାନ ପକ୍କା କରିବା ସହ ପ୍ରତିଯୋଗିତାର ନକ୍‌ଆଉଟ୍ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛି।

ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ କିଦାମ୍ବୀ ଶ୍ରୀକାନ୍ତ ପ୍ରଥମ ଗେମ୍‌ରେ ପରାସ୍ତ ହେବା ପରେ ବ୍ରିଆନ ୟାଙ୍ଗଙ୍କୁ ୨୦-୨୨, ୨୧-୧୧, ୨୧-୧୫ ଗେମ୍‌ରେ ହରାଇ ଦେଇଥିଲେ। ଏହି ମ୍ୟାଚ୍‌କୁ ଶ୍ରୀକାନ୍ତ ୫୨ ମିନିଟ୍‌ରେ ଜିତି ନେଇଥିଲେ। ଡବଲ୍ସ ବର୍ଗରେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ମାତ୍ର ୨୯ ମିନିଟ୍‌ରେ ଜାସନ ଆନ୍ଥୋନୀ ହୋ ଶୁଇ ଓ କେଭିନ ଲିଙ୍କୁ ପରାସ୍ତ କରିଥିଲା। ବିଶ୍ୱର ୨୩ତମ ର୍‍ୟାଙ୍କଧାରୀ ଏଚ୍.ଏସ୍. ପ୍ରଣୟ ଅତି ସହଜରେ ବି.ଆର. ସନକ୍ରିଥଙ୍କୁ ୨୧-୧୫, ୨୧-୧୨ ଗେମ୍‌ରେ ହରାଇ ଭାରତକୁ ୩-୦ରେ ଆଗୁଆ କରିଥିଲେ। ଦ୍ୱିତୀୟ ଡବଲ୍ସ ଯୋଡ଼ି କ୍ରିଷ୍ଣା ପ୍ରସାଦ ଗାରଗା ଓ ବିଷ୍ଣୁବର୍ଦ୍ଧନ ଗୌଡ଼ ପାଞ୍ଜାଲା ୨୧-୧୫, ୨୧-୧୧ ଗେମ୍‌ରେ ଡଙ୍ଗ ଆଡାମ ଓ ନିଲ ୟାକୁରାଙ୍କୁ ହରାଇ ଦେଇଥିଲେ। ଅନ୍ତିମ ତଥା ତୃତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ପ୍ରିୟାଂଶୁ ରାଜାୱତ ୨୧-୧୩, ୨୦-୨୨, ୨୧-୧୪ ଗେମ୍‌ରେ ଭିକ୍ଟର ଲାଲ୍‌ଙ୍କୁ ପରାସ୍ତ କରି ଭାରତୀୟ ଦଳକୁ ଚଳିତ ପ୍ରତିଯୋଗିତାର ଦ୍ୱିତୀୟ କ୍ଲିନ୍ ସୁଇପ୍ ଆଣିଦେଇଥିଲେ। ପ୍ରତିଯୋଗିତାରେ ଭାରତୀୟ ଦଳ ପ୍ରଥମ ପଦକ ସନ୍ଧାନରେ ଅଛି। ଏପର୍ଯ୍ୟନ୍ତ କୌଣସି ଭାରତୀୟ ଦଳ ଥୋମାସ କପ୍ ସେମିଫାଇନାଲରେ ପହଞ୍ଚି ପାରିନାହାନ୍ତି। ଭାରତୀୟ ଦଳ ତା'ର ଅନ୍ତିମ ଗ୍ରୁପ୍ ସି' ମୁକାବିଲାରେ ବୁଧବାର ଚାଇନିଜ ତାଇପେକୁ ଭେଟିବ। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ମଧ୍ୟ ବିଜୟ ସହ ଉବର କପ୍ ଅଭିଯାନ ଆରମ୍ଭ କରିଛି। ରବିବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଭାରତୀୟ ଦଳ କାନାଡ଼ାକୁ ୪-୧ରେ ହରାଇ ଦେଇଥିଲା। ତେବେ ମଙ୍ଗଳବାର ଓ ବୁଧବାର ଏହି ଦଳ ଯଥାକ୍ରମେ ଆମେରିକା ଓ କୋରିଆକୁ ଭେଟିବ।

# ଏଲିସା, କେଶବ ପ୍ଲେୟର ଅଫ୍ ଦି ମନ୍ଥ୍


କେଶବ ମହାରାଜ


ଏଲିସା ହିଲି

**ଦୁବାଇ, ୯।୫ (ପି.ଟି.):** ଅଷ୍ଟ୍ରେଲିଆ ମହିଳା ଦଳର ଷ୍ଟାରକିପର-ବ୍ୟାଟର ଏଲିସା ହିଲି ଓ ଦକ୍ଷିଣ ଆଫ୍ରିକା ପୁରୁଷ ସ୍ପିନର କେଶବ ମହାରାଜ ସେମାନଙ୍କ କାଟେଗୋରିରେ ଏପ୍ରିଲ ମାସ ପାଇଁ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଖ୍ରୀଷ୍ଟଚର୍ଚ୍ଚଠାରେ ଅନୁଷ୍ଠିତ ମହିଳା କ୍ରିକେଟ ବିଶ୍ୱକପ୍ ଫାଇନାଲରେ ହିଲି ମ୍ୟାଚ ବିଜୟୀ ୧୭୦ରନ ସଂଗ୍ରହ କରିଥିଲେ। କୌଣସି ଆଇସିସି ଗ୍ଲୋବାଲ ଇଭେଣ୍ଟରେ ସର୍ବୋଚ୍ଚ ରନ ସ୍କୋର କରି ସେ ଏକ ରେକର୍ଡ ପ୍ରତିଷ୍ଠା କରିଥିଲେ। ଅନ୍ୟପକ୍ଷରେ ନିଜ ଦେଶରେ ବାଂଲାଦେଶ ବିପକ୍ଷ ଆଇସିସି ୱାର୍ଲ୍ଡ ଟେଷ୍ଟ ସିରିଜ ବେଳେ ପ୍ରଭାବୀ ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକୀୟ ସ୍ପିନର ମହାରାଜ ପୁରସ୍କାର ଜିତିଛନ୍ତି। ଭ୍ରମଣକାରୀ ଦଳ ପାଇଁ ସ୍ପିନ କାଳ ହୋଇଥିଲା। ସେ ୧୨.୧୨ ଆଭରେଜରେ ୧୬ଟି ଉଇକେଟ ଅକ୍ତିଆର କରିଥିଲେ। ଉଭୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ସେ ଦୁଇଟି ୭ ଉଇକେଟ ସଫଳତା ପାଇଥିଲେ। କେଶବଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ଯୋଗୁ ତାଙ୍କ ଦଳ ସିରିଜ ୨-୦ରେ ସହଜ ବିଜୟ ଲାଭ କରିଥିଲା। ଦକ୍ଷିଣ ଆଫ୍ରିକା ଗୋଟିଏ ଟେଷ୍ଟ ୨୨୦ ରନ ଏବଂ ଅନ୍ୟଟି ୩୩୨ ରନରେ ଜିତି ନେଇଥିଲା। ଏହି ପୁରସ୍କାର ଲାଭ କରିବା ପଛରେ ତାଙ୍କ ସାଥୀ ଖେଳାଳିଙ୍କ ଅବଦାନ ରହିଛି ବୋଲି ସେ କହିଛନ୍ତି।


ଭୁବନେଶ୍ୱରରେ ସୋମବାର ଭାରୋତ୍ତୋଳନ କୋଚ୍‌ମାନଙ୍କର ଟ୍ରେନିଂ ପ୍ରୋଗ୍ରାମ ଆରମ୍ଭ ହୋଇଛି। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି କାର୍ଯ୍ୟକ୍ରମରେ ୧୬ ଜିଲାରୁ ୪୧ କୋଚ୍ ଅଂଶଗ୍ରହଣ କରିଛନ୍ତି।

## ରାଜ୍ୟ ଖବର

# ଗୁପ୍ତେଶ୍ୱର ଯିବାବେଳେ ଗାଡ଼ି ଓଲଟିଲା

ମାଲକାନଗିରି, ୯।୫ (ଡି.ଏନ୍.ଏ.)

**୨୦ ଆହତ, ୭ ଗୁରୁତର**

ମାଲକାନଗିରି ଜିଲା ଗୋବିନ୍ଦପାଲି ଘାଟିରେ ସୋମବାର ସଡ଼କ ଦୁର୍ଘଟଣା ଘଟି ୩ ପରିବାରର ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରମାନେ ହେଲେ ଶୁଭ ଶୁକରୀ(୩୦), ରୁକ୍ମଣୀ ସାମରେଡ଼ି(୪୫), ଲଳିତ ସାମରେଡ଼ି(୩୦), ରାମା ସାମରେଡ଼ି(୨୭), ଲଇଛନ ଶୁକରୀ(୪୦), ପୂର୍ଣ୍ଣ ଶୁକରୀ(୨୦) ଏବଂ ମୁକ୍ତା ପାଙ୍ଗି(୨୫)।

ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଜାନବାଇର ପୁରୁଲୁବନ୍ଧା ଗ୍ରାମରୁ ୩ ପରିବାରର ୨୦ ସଦସ୍ୟ ଗୁପ୍ତେଶ୍ୱର ଦର୍ଶନ ପାଇଁ ଏକ ପିକ୍‌ଅପ ଭ୍ୟାନ୍‌ରେ ବାହାରିଥିଲେ। ଗୋବିନ୍ଦପଲ୍ଲୀ ଘାଟି କଷିଗୁଡ଼ା ନିକଟରେ ଗାଡ଼ିଟି ହଠାତ ଭାରସାମ୍ୟ ହରାଇ କଲଭର୍ଟରେ ପିଟି ହୋଇଥିଲା। ସ୍ଥାନୀୟ ଲୋକେ ଓ ବିଏସ୍‌ଏଫ ଯବାନଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୧୩ ଜଣଙ୍କୁ ଆଶୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଅନ୍ୟ ୭ ଗୁରୁତର ଚିକିତ୍ସାଧୀନ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦେଇଛନ୍ତି।

# ଭ୍ୟାନ୍‌ରେ ଲାଗିଲା ନିଆଁ, ବର୍ତ୍ତିଲେ ଛାତ୍ରୀଛାତ୍ର

ସୋନପୁର/ବିନିକା, ୯।୫ (ନି.ପ୍ର./ଡି.ଏନ.ଏ.)


ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ନେଉଥିବା ବେସରକାରୀ ଭ୍ୟାନ୍।

ଏକ ବେସରକାରୀ ଭ୍ୟାନ୍‌ରେ ବିଦ୍ୟାଳୟ ଯାଉଥିବା ଛାତ୍ରୀଛାତ୍ରମାନେ ବଡ ଧରଣର ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛନ୍ତି। ଭ୍ୟାନରେ ମୋଟ ୧୨ଜଣ ଛାତ୍ରୀଛାତ୍ର ଥିବା ବେଳେ ସମସ୍ତେ ସୁରକ୍ଷିତ ଅଛନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ସହର କଲେଜ ଛକ ନିକଟରେ ସୋମବାର ସକାଳେ ଏଭଳି ଏକ ଘଟଣା ଘଟିଛି। ମାରୁତି ଭ୍ୟାନ୍ ନଂ ଓଆର୧୫ବି-୮୮୬୮ରେ ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣଭାବେ ଉଲୁଣ୍ଡା ବ୍ଲକ ସିଣ୍ଡୋଲ ଅଞ୍ଚଳରୁ ବିନିକାର ଏକ ଘରୋଇ ସ୍କୁଲକୁ ଆସୁଥିଲେ। ଭ୍ୟାନ୍‌ଟି ମହାନଦୀ ବ୍ରିଜ୍ ଅତିକ୍ରମ କରି ବିନିକା ପଟକୁ ଯାଉଥିବା ସମୟରେ ହଠାତ୍ ପଛପଟୁ ଧୂଆଁ ବାହାରି ଥିଲା। ଛକରେ ଉପସ୍ଥିତ ଥିବା ଲୋକମାନେ ଏହା ଦେଖି ଭ୍ୟାନ୍‌କୁ ଅଟକାଇବା ସହ ଛାତ୍ରୀଛାତ୍ରଙ୍କୁ ବାହାର କରିଥିଲେ। ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏତିକିବେଳେ ଭ୍ୟାନ୍ ଡ୍ରାଇଭର ଭୟରେ ଫେରାର ହୋଇଯାଇଥିଲେ। ଛାତ୍ରୀଛାତ୍ରଙ୍କୁ ଅନ୍ୟ ଏକ ଗାଡିରେ ସ୍କୁଲ ପଠାଯାଇଥିଲା। କିଛି ସମୟ ପରେ ଭ୍ୟାନ୍‌ଟି ଆଉ ସେଠାରେ ନଥିବା ଜଣାପଡିଛି। ତେବେ ଅଭିଭାବକମାନେ ଅସୁରକ୍ଷିତଭାବେ ଫିଟ୍‌ନେସ, ପରମିଟ୍ ଓ ଲାଇସେନ୍ସ ନ ଥିବା ବିପଦପୂର୍ଣ୍ଣ ଗାଡିରେ ନିଜର ପିଲାଙ୍କୁ ସ୍କୁଲ ପଠାଉଛନ୍ତି। ଏ ଦିଗରେ ଅଭିଭାବକ କି ସ୍କୁଲ କର୍ତ୍ତୃପକ୍ଷ ସଚେତନ ହେଉନାହାନ୍ତି। ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ କୁହନ୍ତି,

**ବିପଦପୂର୍ଣ୍ଣ ଗାଡ଼ିରେ ପିଲାଙ୍କୁ ସ୍କୁଲ ପଠାଉଥିଲେ ଅଭିଭାବକ**

ବେସରକାରୀ ଗାଡିରେ ବିପଦପୂର୍ଣ୍ଣ ଭାବେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ନ ପଠାଇ ସ୍କୁଲ ଗାଡିରେ ସେମାନଙ୍କୁ ପଠାଇବା ପାଇଁ ଅଭିଭାବକଙ୍କୁ ସଚେତନ କରାଯାଉଛି। କିନ୍ତୁ ସେମାନେ ମାନୁନାହାନ୍ତି। ଯାଞ୍ଚ ସମୟରେ ଉକ୍ତ ଭ୍ୟାନ୍‌ରୁ କିଛି ଦିନ ପୂର୍ବରୁ ୧୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତା ପରେ ବି ଉକ୍ତ ଭ୍ୟାନ୍ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଛି। ଏହି ଘଟଣା ପରେ ଏଆରଟିଓ ଶିବାଶିଷ ସାହୁ ଘଟଣାସ୍ଥଳକୁ ଯାଇଥିଲେ। ମାତ୍ର ସେଠାରେ ଭ୍ୟାନ୍ ନଥିଲା। ଘଟଣା ସମ୍ପର୍କରେ ପୋଲିସ ନିକଟରେ କୌଣସି ସୂଚନା ନଥିବା ବିନିକା ଥାନା ଆଇଆଇସି ପବିତ୍ର କୁମାର ସାହୁ କହିଛନ୍ତି।

# ଶୋଇଥିବାବେଳେ ପିଉସୀଙ୍କୁ ନିଆଁ ଲଗାଇଦେଲେ ପୁତୁରା

ନବରଙ୍ଗପୁର, ୯।୫ (ବି.ପ୍ର.)

**ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି**


ଜିଲା ମୁଖ୍ୟ ଚିକିତ୍ସାଳୟରେ ଶାନ୍ତିବାଇ ଗଣ୍ଡଙ୍କ ଚିକିତ୍ସା ଚାଲିଛି।

ଜମିଜମା ବିବାଦକୁ ନେଇ ପିଉସୀଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରିଛନ୍ତି ନିଶାସକ୍ତ ପୁତୁରା। ରାଇଘର ପୋଲିସ ଘଟଣାରେ ସମ୍ପୃକ୍ତ ପୁତୁରାଙ୍କୁ ଅଟକ ରଖି ପଚରାଉଚରା କରୁଛି। ନବରଙ୍ଗପୁର ଜିଲା ରାଇଘର ବ୍ଲକ ମୁଣ୍ଡିବେଡ଼ା ପଞ୍ଚାୟତ ଗୁଛାଗୁଡ଼ା ଗ୍ରାମରେ ସୋମବାର ଏହିଭଳି ଘଟଣା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ଶାନ୍ତିବାଇ ଗଣ୍ଡ ସୋମବାର ସକାଳୁ ଘରଠାରୁ ଅଧ କିଲୋମିଟର ଦୂର ନିଜ ଦୋକାନକୁ ଯାଇଥିଲେ। ସେ ନିଶାସକ୍ତ ଥିବାରୁ ଦୋକାନରୁ ଫେରିବାବେଳେ ଅଧାବାଟରେ ଶୋଇପଡ଼ିଥିଲେ। ଏହି ସମୟରେ ତାଙ୍କ ପୁତୁରା ଲଳିତ ଗଣ୍ଡ ଉକ୍ତ ରାସ୍ତା ଦେଇ ଯାଉଥିଲେ। ସେ ମଧ୍ୟ ନିଶାସକ୍ତ ଥିଲେ। ପିଉସୀ ଓ ପୁତୁରାଙ୍କ ମଧ୍ୟରେ ପୂର୍ବରୁ ଜମିଜମା ବିବାଦ ଥିଲା। ଶାନ୍ତିବାଇଙ୍କୁ ରାସ୍ତାରେ ଶୋଇଥିବା ଦେଖି ଲଳିତ ତାଙ୍କ ଉପରେ ନଡ଼ା ପକାଇ ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ସମିତି ସଭ୍ୟ ଶଙ୍କର ଗଣ୍ଡ ଶାନ୍ତିବାଇଙ୍କୁ ଉଦ୍ଧାରକରି ରାଇଘର ପୋଲିସକୁ ଖବର ଦେଇଥିଲେ। ସେ ଶାନ୍ତିବାଇଙ୍କୁ ରାଇଘର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଶାନ୍ତିବାଇଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଲଳିତଙ୍କୁ ଥାନାକୁ ଆଣି ଘଟଣା ସମ୍ପର୍କରେ ପଚରାଉଚରା କରାଯାଉଛି ବୋଲି ଥାନାଧିକାରୀ ଟଙ୍କଗିରି ଭୋଇ କହିଛନ୍ତି। ଏଯାଏ ଲିଖିତ ଅଭଯୋଗ ହୋଇନାହିଁ। ଅଭିଯୋଗ ପରେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି।

# ହତ୍ୟା ମାମଲାରେ ଦୋଷୀଙ୍କୁ ଆଜୀବନ ଜେଲ

ବାଲେଶ୍ୱର ଅଫିସ, ୯।୫

ଏକ ହତ୍ୟା ମାମଲାର ବିଚାର କରି ସୋମବାର ବାଲେଶ୍ୱର ଆଡିଶନାଲ ସେସନ୍ ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ଧ୍ରୁବ ସିଂଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଆଉ ୧ବର୍ଷ ୮ଦିନ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ଗତ ୨୦୧୩ ଜୁଲାଇ ୧୨ ତାରିଖ ଅପରାହ୍ନରେ ସୋର ଥାନା ନହରପଦା ଗ୍ରାମର ଉଦୟ ସିଂଙ୍କ ସ୍ତ୍ରୀ ଟୁନିଙ୍କ ସହ ଉକ୍ତ ଗ୍ରାମର ଧ୍ରୁବ ସିଂଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଧ୍ରୁବ ଉତ୍ତ୍ୟକ୍ତ ହୋଇ ଟୁନିଙ୍କୁ ମାଡ଼ ମାରିଥିଲେ। କିଛି ସମୟ ପରେ ଘର ସମ୍ମୁଖରେ ଟୁନିଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ଟୁନିଙ୍କ ବାପଘର ଲୋକ ଜାଣିବା ପରେ ତାଙ୍କ ମା' ସୁମି ସିଂ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୨୯୬/୧୩) ରୁଜୁ କରାଯାଇ ଅଭିଯୁକ୍ତ ଧ୍ରୁବ ସିଂଙ୍କୁ ଗିରଫ କରାଯାଇଥିଲା। ଆଡିଶନାଲ ସେସନ୍ ଜଜ୍‌ଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ଆଡିଶନାଲ ସେସନ୍ ଜଜ୍ ମହାନ୍ତି ଉକ୍ତ ମାମଲାର ବିଚାର କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲି଼.
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ପ୍ରତିମା ତ୍ରିପାଠୀ
ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ତିରୋଧାନ- ୧୩।୦୫।୧୯
ଆପଣଙ୍କର ଧର୍ମପରାୟଣତା, ପରୋପକାରିତା, ମିଷ୍ଟଭାଷିନତା, ଆତିଥ୍ୟପରାୟଣତା ଆମର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅହେ ଆଶିଷ, ଗୁରୁ ପାଦତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ: ସ୍ୱାମୀ: କୈଳାସ, ପୁଅ: କପୁ, ଲିପୁ, ବୋହୂ: ଗେହ୍ଲି, ଟିଙ୍କି, ଜ୍ୱାଇଁ: ସିଲୁ, ଝିଅ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି।
ଧ-୩୮୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସସ୍ମିତ ମହାନ୍ତି (ଗୋପାଳ)
"ହୃଦମନ୍ଦିରେ ଜଳୁଥିବ ସଦା ପ୍ରୀତିର ପ୍ରଦିପ ହୋଇ ତମେ ପରା ଏକା ତମର ତୁଳନା ତମ ପରି କେହି ନାହିଁ"
- ପରିବାରବର୍ଗ ଓ ଶୁଭେଚ୍ଛୁବୃନ୍ଦ -
M M & COMPANY
B-30, Industrial Estate, Madhupatna, Cuttack-753010
ଧ-୭୧୯୮୮

